# ବୈଷ୍ଣବ ବେଶଭୂଷା

ଆନ୍ତରିକ ଭାବନା ବାହ୍ୟ ବେଶଭୂଷା ଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇଥିଲେ ମଧ ବୈଷ୍ଣବ ପରିଧାନ ଓ ବେଶଭୂଷା ମନରେ ପବିତ୍ରତା ଆଣିଥାଏ ଏବଂ ଏହାର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି । ପୋଲିସ୍ କର୍ମଚାରୀ ନିଜ ପରିଧାନରୁ ଜଣାପଡ଼ିଲା ଭଳି ବୈଷ୍ଣବ ପରିଧାନ ଓ ବେଶଭୂଷା ଲୋକମାନଙ୍କର ଦୃଷ୍ଟି ଆକର୍ଷଣ କରିଥାଏ । ଏହାଛଡ଼ା ବୈଷ୍ଣବ ବେଶଭୂଷା ଆମ ମନରେ ଏକ ସାଧୁଚିତ୍ତ, ଶ୍ରଦ୍ଧା, ସମ୍ମାନ ଓ ପୂଜ୍ୟ ଭାବନା ଆଦି ଆଣିଥାଏ ।

***ପୁରୁଷ*** – ତିଳକ ଓ ତ୍ରିକଣ୍ଠି ତୁଳସୀମାଳା ଧାରଣ, ଲଣ୍ଡିତ ମସ୍ତକ, ଶିଖା ବାନ୍ଧିବେ । ଶିଖା ଦେଢ଼ ଇଞ୍ଚ ଓସାର ହେବା ଉଚିତ୍ । ଶୌଚ କ୍ରିୟା ଓ ଅନ୍ତେଷ୍ଟିକ୍ରିୟା ଆଦି ଅଶୁଭ ସମୟରେ ଶିଖା ଖୋଲି ରଖିବେ । ଶୋଇବା ସମୟରେ ଅସୁବିଧା ହେଲେ ଶିଖା ଖୋଲି ଶୋଇପାରିବେ । ସ୍ନାନ ପରେ ଗାୟତ୍ରୀ ମନ୍ତ୍ର ପ୍ରାପ୍ତ ଭକ୍ତ ବ୍ରହ୍ମଗାୟତ୍ରୀ ମନ୍ତ୍ରରେ ଶିଖା ବନ୍ଧନ କରିବେ । ନିଶ ଓ ଦାଢ଼ୀ ବିହୀନ ପରିଷ୍କାର ଶରୀର, ପରିଧାନରେ ଧୋତୀ, ଉତ୍ତରୀୟ ଓ କୁର୍ତ୍ତା । ଗୃହସ୍ଥ (ବିବାହିତ/ଅବିବାହିତ) ଭକ୍ତ ଧଳା ବସ୍ତ୍ର ପିନ୍ଧିବେ କାରଣ ଧଳାବସ୍ତ୍ର ମନରେ ସାତ୍ତ୍ୱିକ ମନୋଭାବ ଆଣିଥାଏ । କଚ୍ଛା ନ ମାରି ଲୁଙ୍ଗୀ ପରି କୌଣସି ବସ୍ତ୍ର ପିନ୍ଧିବା ଅପରାଧ ଅଟେ । ମନ୍ଦିର ଠାରୁ ଦୂରରେ ରହୁଥିବା କର୍ମରତ ଗୃହସ୍ଥ ମସ୍ତକରେ ଛୋଟ ଛୋଟ ବାଳ ରଖିପାରିବେ । ସନ୍ନ୍ୟାସୀ ଓ ବ୍ରହ୍ମଚାରୀ ଭକ୍ତ ଗୈରିକ ବସ୍ତ୍ର ପରିଧାନ କରନ୍ତି । କାରଣ ଗୈରିକ ରଙ୍ଗ ତ୍ୟାଗର ସୂଚକ ଅଟେ । ଅତ୍ୟାଧୁନିକ-ହ୍ୟାପ ପ୍ୟାଣ୍ଟ, ଘଡ଼ି, ଚଷମା କିମ୍ବା ବହୁ ଅତ୍ୟାଧୁନିକ ବେଶଭୂଷା ପରିଧାନ କରିବା ଅନୁଚିତ୍ ।

***ମହିଳା*** –ପରମ୍ପରା ଗତ ଓଢ଼ଣୀଯୁକ୍ତ ଶାଢ଼ୀ, ତିଳକ, ତ୍ରିକଣ୍ଠି ତୁଳସୀମାଳା, ମସ୍ତକରେ ମଧ୍ୟ ଭାଗରେ ସୀମନ୍ତ ବାହାର କରି କେଶ ବାନ୍ଧିଥିବେ, (ମୁକୁଳିତ କେଶ ନିଷିଦ୍ଧ) ସଧବା ନାରୀ ଶଙ୍ଖା, ସିନ୍ଦୁର ପରିଧାନ କରି ନିଜର ସର୍ବାଙ୍ଗ ଆବୃତ କରି ରଖିବେ । ବହୁ ଘୁଙ୍ଗୁର ଥିବା ପାଉଁଜି ପିନ୍ଧିବା ଅନୁଚିତ୍ । ନିଜକୁ ଅତ୍ୟାଧୁନିକ ଓ ଅତିରଞ୍ଜିତ ସାଜସଜ୍ଜା କରିବେ ନାହିଁ, ଯେପରି-ସାଲୱାର ପଞ୍ଜାବୀ, ନାଇଟି, ଗୋପି ଡ୍ରେସ୍ ଇତ୍ୟାଦି ଆକର୍ଷଣୀୟ ପୋଷାକ ପରିଧାନ, ଆକର୍ଷଣୀୟ କେଶ ବିନ୍ୟାସ ବା ମୁକୁଳିତ କେଶ, ବହୁ ଅଳଂକାରରେ ସଜ୍ଜିତ, ଅତ୍ୟାଧୁନିକ ମ୍ୟାକ୍‌ଅପ୍ ହୋଇ ବିଗ୍ରହଙ୍କ ସେବା କରିବା ଓ ଆଧ୍ୟାତ୍ମିକ ଅନୁଷ୍ଠାନକୁ ଯିବା ଅନୁଚିତ୍ । କାରଣ-**ଏହିପରି ବେଶଭୂଷା ପରିଧାନ କଲେ ଅନ୍ୟର ଓ ନିଜର ମନରେ ସାତ୍ତ୍ୱିକ ଭାବ ଆସିବ ନାହିଁ । ଶ୍ରୀଚୈତନ୍ୟ ମହାପ୍ରଭୁ କହିଛନ୍ତି-ବୈଷ୍ଣବର ଅର୍ଥ ହେଉଛି ଏପରି ଏକ ବ୍ୟକ୍ତି ଯାହାକୁ ଦେଖିବା ମାତ୍ରେ ଭଗବାନ ଶ୍ରୀକୃଷ୍ଣଙ୍କର ସ୍ମରଣ ହେବ ।**

**ବିଶେଷ ଦ୍ରଷ୍ଟବ୍ୟ:** ଚମଡ଼ା ନିର୍ମିତ ଜୋତା, ବ୍ୟାଗ୍, ବସ୍ତ୍ର ବ୍ୟବହାର ବର୍ଜନୀୟ ।